# NATIONAL NEWS BULLETIN (ODIA)

## 30th June - 2024

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ କଲେ ଭାବ ବିନିମୟ ।

— ସାଧାରଣ ନିର୍ବାଚନରେ ସମ୍ବିଧାନ ଓ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ ରଖୁଥିବାରୁ ଦେଶବାସୀଙ୍କୁ ଜଣାଇଲେ କୃତଜ୍ଞତା ।

- ଦେଶରେ ଆସନ୍ତାକାଲିଠାରୁ ଲାଗୁ ହେବ ୩ଟି ନୂତନ ଅପରାଧିକ ଆଇନ୍ ।
- ନୀଟ୍-ୟୁ.ଜି. ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ବିହାରର ବେଉର କେନ୍ଦ୍ରୀୟ ଜେଲ୍‌ରେ ଅଭିଯୁକ୍ତଙ୍କୁ ପଚରା ଉଚରା କଲା ସି.ବି.ଆଇ. ।
- ଦେଶର ପରବର୍ତ୍ତୀ ସେନାମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କଲେ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ।

ଏବଂ

- ଚେନ୍ନାଇରେ’ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ମହିଳା ଟେଷ୍ଟ କ୍ରିକେଟ୍‌ର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଙ୍ଗ୍‌ସରେ ୨ ୱିକେଟ୍ ହରାଇ ୨୩୨ ରନ୍ ସଂଗ୍ରହ କଲା ଦକ୍ଷିଣ ଆଫ୍ରିକା ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ରେ ଦେଶବାସୀଙ୍କ ସହ ଭାବ ବିନିମୟ କରିଛନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ସମ୍ବିଧାନ ଏବଂ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ ରଖିଥିବାରୁ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ବିଶ୍ୱର ସବୁଠାରୁ ବୃହତ୍ ନିର୍ବାଚନ । ଯେଉଁଥିରେ ଦେଶର ୬୫କୋଟି ଲୋକ ମତଦାନ କରିଛନ୍ତି । ସେ କହିଛନ୍ତି ଏଭଳି ନିର୍ବାଚନ ଅନ୍ୟ କୌଣସି ଦେଶରେ କେବେ ହୋଇନାହିଁ । ଏହାସହ ଶ୍ରୀ ମୋଦୀ ନିର୍ବାଚନ ଆୟୋଗ ଏବଂ ମତଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଆଜି ହେଉଛି ଏକ ମହତ୍ୱପୂର୍ଣ୍ଣ ଦିବସ। ଆଜିର ଦିବସକୁ ହୁଲ୍ ଦିବସ ଭାବେ ପାଳନ କରାଯାଉଛି । ବ୍ରିଟିଶ ଅତ୍ୟାଚାରକୁ ବିରୋଧ କରୁଥିବା ସିଦ୍ଧୟୁ ଏବଂ କାହ୍ନୁଙ୍କ ସାହସ ସହିତ ଏହା ଜଡିତ ବୋଲି ସେ କହିଛନ୍ତି । ଝାଡ଼ଖଣ୍ଡର ସାନ୍ତାଳ

ପ୍ରଗଣରେ ୧୮୫୫ ମସିହାରେ ହଜାର ହଜାର ସନ୍ଥଲ ଲୋକ ବ୍ରିଟିଶ ଶାସନ ବିରୋଧରେ ଲଢ଼େଇ ପାଇଁ ଏକତ୍ରିତ ହୋଇଥିଲେ । ଏହି ସଂଗ୍ରାମରେ ସାହସିକତା ପ୍ରଦର୍ଶନ କରୁଥିବା ସମୟରେ ବୀରସିଦ୍ଧୟୁ ଏବଂ କାହ୍ନୁମାନେ ସହିଦ ହୋଇଥିଲେ । ଏହି ସୁପୁତ୍ରମାନଙ୍କର ବଳିଦାନ ଆଜି ବି ଲୋକମାନଙ୍କୁ ପ୍ରେରଣା ଯୋଗାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଚଳିତବର୍ଷ ବିଶ୍ୱ ପରିବେଶ ଦିବସରେ 'ଏକ୍ ପେଡ୍ ମା' କେ ନାମ୍' ନାମରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ ସମ୍ପର୍କରେ ନିଜ ମା'ଙ୍କ ସାଥୀରେ ବା ନିଜ ମା'ଙ୍କ ନାମରେ ଏକ ବୃକ୍ଷ ଲଗାଇବାକୁ ଶ୍ରୀ ମୋଦୀ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି ।

ଯୋଗ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ସମଗ୍ର ବିଶ୍ୱରେ ଦଶମ ଯୋଗଦିବସ ଉତ୍ସାହର ସହ ପାଳନ କରାଯାଇଛି ।

ଆକାଶବାଣୀର ସଂସ୍କୃତ ସମ୍ବାଦ ପ୍ରସାରଣ ଆଜି ୫୦ବର୍ଷ ପୂରଣ କରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆକାଶବାଣୀ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି ।

ଆଉ ଏକ ସପ୍ତାହ ପରେ ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଆରମ୍ଭ ହେବାକୁ ଯାଉଛି । ପ୍ରଭୁ ଜଗନ୍ନାଥଙ୍କ କୃପା ଦେଶବାସୀଙ୍କ ଉପରେ ରହିଥାଉ ବୋଲି ସେ ଆଶା କରିଛନ୍ତି । ଅମରନାଥ ଯାତ୍ରା ଏବଂ ପନ୍ଦରପୁରାଓ୍ୱାରୀ ସମ୍ପର୍କରେ ଉଲ୍ଲେଖ କରି ଏହି ଯାତ୍ରାରେ ଅଂଶଗ୍ରହଣ କରୁଥିବା ସବୁ ଶ୍ରଦ୍ଧାଳୁମାନଙ୍କୁ ସେ ଶୁଭକାମନା ଜଣାଇଛନ୍ତି ।

# ନିୟୁ କ୍ରିମିନାଲ୍ ଲ'

ଦେଶରେ ଆସନ୍ତାକାଲିଠାରୁ ୩ଟି ନୂତନ ଅପରାଧିକ ଆଇନ୍ ଲାଗୁ ହେବାକୁ ଯାଉଛି । ସେଗୁଡ଼ିକ ହେଲା ଭାରତୀୟ ନ୍ୟାୟସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ । ଏହି ଆଇନ୍‌ଗୁଡ଼ିକ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାର ପକ୍ଷରୁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଜନସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା । ଏହି ଆଇନ୍‌ର ବିଭିନ୍ନ ଦିଗ ଉପରେ ମଧ୍ୟ ବିଶେଷଜ୍ଞଙ୍କଠାରୁ ମତାମତ ଗ୍ରହଣ କରାଯାଇ ଆଲୋଚନା କରାଯାଇଥିଲା । ଆଇନ୍ ସଂକ୍ରାନ୍ତରେ ପୁଲିସ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକ ପାଇଁ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ଆକାଶବାଣୀ, ଦୂରଦର୍ଶନ, ସାମାଜିକ ଗଣମାଧ୍ୟମ ତଥା ବିଭିନ୍ନ ପ୍ଲାଟଫର୍ମରେ ଏହି ଆଇନ୍‌ଗୁଡ଼ିକ ସମ୍ପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ବିସ୍ତୃତ ଆଲୋଚନା ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ମଧ୍ୟ ଆୟୋଜନ କରାଯାଇଥିଲା ।

## ବିହାର ସି.ବି.ଆଇ. ନୀଟ୍

ନୀଟ୍-ୟୁ.ଜି. ପରୀକ୍ଷାରେ ହୋଇଥିବା ପ୍ରଶ୍ନପତ୍ର ପ୍ରଘଟ ମାମଲାର ଅଭିଯୁକ୍ତଙ୍କୁ ବିହାରର ପାଟନାସ୍ଥିତ ବେଉର କେନ୍ଦ୍ରୀୟ ଜେଲ୍‌ରେ ସି.ବି.ଆଇ. ପଚରା ଉଚରା କରିଛି । ଏହି ମାମଲାରେ ଆଜି ଦ୍ୱିତୀୟ ଦିନପାଇଁ ସି.ବି.ଆଇ. ପକ୍ଷରୁ ଅଭିଯୁକ୍ତମାନଙ୍କୁ ପୁଣି ଥରେ ଜେରା କରାଯାଇଛି । ବିହାର ଏବଂ ଝାଡ଼ଖଣ୍ଡରୁ ଏହି ମାମଲାରେ ଏପର୍ଯ୍ୟନ୍ତ ସି.ବି.ଆଇ. ୫ ଜଣ ଅଭିଯୁକ୍ତଙ୍କୁ  ଗିରଫ କରିଛି । ବେଉର ଜେଲ୍‌ରେ ଥିବା ଅନ୍ୟ ୧୩ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ସି.ବି.ଆଇ. ଏହି ମାମଲା ସମ୍ପର୍କରେ ଅଧିକ ପଚରା ଉଚରା କରୁଛି । ଏହି ଅଭିଯୁକ୍ତମାନେ ପୂର୍ବରୁ ବିହାର ପୁଲିସ୍‌ର ଅର୍ଥନୈତିକ ଅପରାଧ ଶାଖାଦ୍ୱାରା ଗିରଫ ହୋଇ ସେହି ଜେଲ୍‌ରେ ଅଛନ୍ତି । ଅର୍ଥନୈତିକ ଅପରାଧ ଶାଖା ପାଖରୁ ସି.ବି.ଆଇ. ଗତ ୨୪ ତାରିଖରେ ଏହି ମାମଲାର ତଦନ୍ତ ଭାର ଗ୍ରହଣ କରିଥିଲା ।

## ପି.ଏମ୍. - ନାଇଡୁ

ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟାନାଇଡୁଙ୍କ ୭୫ତମ ଜନ୍ମଦିବସ ଅବସରରେ ତାଙ୍କ ଜୀବନୀ ଆଧାରିତ ୩ଟି ପୁସ୍ତକକୁ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ନାଇଡୁ ଆସନ୍ତାକାଲି ୭୫ ବର୍ଷ ପୂଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ଶ୍ରୀ ନାଇଡୁଙ୍କ ଜୀବନର ଏହି ୭୫ ବର୍ଷର ଯାତ୍ରା ଅତ୍ୟନ୍ତ ଅସାଧାରଣ ଏବଂ ଅତୁଳନୀୟ ଥିଲା । ଶ୍ରୀ ନାଇଡୁଙ୍କ ଜୀବନୀ ଉପରେ ପର୍ଯ୍ୟବସିତ ପୁସ୍ତକଗୁଡ଼ିକ ଉନ୍ମୋଚନ କରି ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ପୁସ୍ତକଗୁଡ଼ିକ ପାଠ କରି ଲୋକମାନଙ୍କୁ ସତ୍‌ମାର୍ଗ ପ୍ରଦର୍ଶନ କରିବା ସହ ଦେଶର ସେବା କରିବାକୁ ଅନୁ ଅନୁପ୍ରାଣିତ କରିବ ବୋଲି ଶ୍ରୀ ମୋଦି ଆଶାବ୍ୟକ୍ତ କରିଛନ୍ତି ।

## ଜେନେରାଲ୍ ମନୋଜ ପାଣ୍ଡେ

ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ବିଦାୟୀ ସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେଙ୍କଠାରୁ ନୂଆଦିଲ୍ଲୀରେ ଆଜି ଦାୟିତ୍ୱଗ୍ରହଣ କରିଛନ୍ତି । ଶ୍ରୀ ଦ୍ୱିବେଦୀ ୧୯୮୪ ମସିହା ଡିସେମ୍ବର ୧୫ ତାରିଖରେ ଭାରତୀୟ ସେନାର ଜମ୍ମୁ-କାଶ୍ମୀର ରାଇଫଲ୍‌ସରେ ଯୋଗ ଦେଇଥିଲେ ।

ସ୍ଥଳସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ ଆଜି ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ୪୦ ବର୍ଷ ଧରି ସେ ସେନାବାହିନୀର ବିଭିନ୍ନ ପଦପଦବୀରେ ସଫଳତାର ସହ ଦୟିତ୍ୱ ନିର୍ବାହ କରି ଆଜି ଅବସର ଗ୍ରହଣ

କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଭାରତୀୟ ସେନାର ଆତ୍ମନିର୍ଭରତା ବୃଦ୍ଧି କରିବା, ବିଭାଗର ରୂପାନ୍ତରଣ କରି ଭାରତୀୟ ସେନାର ମନୋବଳ ବୃଦ୍ଧି କରିବାରେ ତାଙ୍କୁ ଦେଶ ସର୍ବଦା ସ୍ମରଣ କରିବ । ଉତ୍ତରାଞ୍ଚଳ ଏବଂ ପଶ୍ଚିମାଞ୍ଚଳ ସୀମାରେ ସେନା ପକ୍ଷରୁ କରାଯାଇଥିବା ବିଭିନ୍ନ ଅଭିଯାନର ନେତୃତ୍ୱ ନେବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଜମ୍ମୁ-କାଶ୍ମୀରର ପୂର୍ବ ଲଦାଖ୍ ଏବଂ ଉତ୍ତର-ପୂର୍ବ ଆଗୁଆ ଘାଟି ଅଞ୍ଚଳକୁ ବାରମ୍ବାର ପରିଦର୍ଶନ କରି ସେ ସେନା ଅଧିକାରୀ ଏବଂ ଯବାନମାନଙ୍କର ମନୋବଳ ବୃଦ୍ଧି କରୁଥିଲେ । ଆତ୍ମନିର୍ଭରତା ପଦକ୍ଷେପ ଯୋଜନା ଅଧୀନରେ ଭାରତୟ ସେନାରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧାସ୍ତ୍ର ବ୍ୟବହାର କରିବାପାଇଁ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଭାରତୀୟ ଯବାନମାନଙ୍କର ପରିବାରବର୍ଗଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଦେଶପାଇଁ ତାଙ୍କର କର୍ତ୍ତବ୍ୟପରାୟଣତା ନେଇ ତାଙ୍କୁ ପରମ ବିଶିଷ୍ଟ ସେବା ପଦକ, ଅତି ବିଶିଷ୍ଟ ସେବା ପଦକ ଏବଂ ବିଶିଷ୍ଟ ସେବା ପଦକରେ ସମ୍ମାନିତ କରାଯାଇଥିଲା ।

## ଫ୍ରାନ୍‌ସ ଇଲେକ୍‌ସନ୍

ଫ୍ରାନ୍‌ସରେ ନ୍ୟାସନାଲ୍ ଆସେମ୍ବ୍ଲି ନିର୍ବାଚନର ଦ୍ୱିତୀୟ ରାଉଣ୍ଡ୍‌ର ପ୍ରଥମ ପର୍ଯ୍ୟାୟର ନିର୍ବାଚନପାଇଁ ଆଜି ମତଦାନ ଚାଲିଛି । ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ଆଦେଶ ଅନୁସାରେ ଏହି ନିର୍ବାଚନ ଅନୁଷ୍ଠିତ ହେଉଛି । ଦେଶର

ଗୃହ ମନ୍ତ୍ରଣାଳୟ ସୂଚନା ଅନୁସାରେ ଆଜି ମଧ୍ୟାହ୍ନ ସୁଦ୍ଧା ୨୫ ପ୍ରତିଶତରୁ ଅଧିକ ମତଦାନ ହୋଇଥିବାର ଜଣାପଡ଼ିଛି । ପୂର୍ବତନ ରାଷ୍ଟ୍ରପତି ନିକୋଲାସ୍ ସାର୍କୋଜି ଗ୍ରିନ୍ ପାର୍ଟି ନେତା ମେରାଇନ୍ ଟୋଣ୍ଡେଲିୟର୍, ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ମାକ୍ରନ ଆଲୀ ଏଡୋଓ୍ୱାର୍ଡ଼ ଫିଲିପ୍ ଆଦି ତୁଙ୍ଗ ନେତାମାନେ ଆଜି ଏହି ନିର୍ବାଚନରେ ମତଦାନ କରିଛନ୍ତି । ଶ୍ରୀ ମାକ୍ରନ୍ ନ୍ୟାସନାଲ ଆସେମ୍ବ୍ଲିକୁ ଚଳିତ ମାସ ୯ ତାରିଖରେ ଭଙ୍ଗ କରିବା ପରେ ଏହି ନିର୍ବାଚନ ଅନୁଷ୍ଠିତ ହେଉଛି । ଦେଶର ୫୭୭ଟି ସଂସଦୀୟ କ୍ଷେତ୍ରପାଇଁ ଦୁଇ ରାଉଣ୍ଡ୍ ନିର୍ବାଚନ ଅନୁଷ୍ଠିତ ହେଉଛି । ଆସନ୍ତା ମାସ ୭ ତାରିଖ ଦିନ ଦ୍ୱିତୀୟ ରାଉଣ୍ଡ୍ ନିର୍ବାଚନ ଶେଷ ହେବା ପରେ ଫ୍ରାନ୍ସରେ ନୂତନ ସରକାର ଗଠନ ହେବ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ ‘ପବ୍ଲିକ୍ ସ୍ପିକ୍’ ଆସନ୍ତାକାଲି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ । ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଆଲୋଚନା କରାଯିବ । ଏହାର ଶୀର୍ଷକ ରହିଛି “ସବ୍ କେ ଘର କେ ସପ୍‌ନେ କୋ ସାକାର କରତୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା” । ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟର ଉପ-ମହାନିର୍ଦ୍ଦେଶକ ଗୟା ପ୍ରସାଦ ଓ କେନ୍ଦ୍ର ଆବାସ ଏବଂ ସହରୀ ବ୍ୟାପାର ଉପ-ସଚିବ କୂଳଦୀପ ନାରାୟଣ

ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଶ୍ରୋତାମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ପ୍ରଶ୍ନ ୦୧୧-୨୩୪୨୧୦୫୦ ଏବଂ ୨୩୩୧୪୪୪୪ ଫୋନ୍ ନମ୍ବରେ କଲ୍ କରି ପଚାରିପାରିବେ । ଶ୍ରୋତାମାନେ ହ୍ୱାଟ୍ସଆପ୍ ନମ୍ବର ୯୨୮୯୦୯୪୦୪୪ରେ ମଧ୍ୟ ପ୍ରଶ୍ନ ପଚାରିପାରିବେ। ଏହି କାର୍ଯ୍ୟକ୍ରମ ଆକାଶବାଣୀର ଗୋଲ୍ଡ୍ ଚ୍ୟାନେଲ୍, NEWS ON AIRର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ ।

## ୱିମେନ୍ ଟେଷ୍ଟ

ଚେନ୍ନାଇର ଏମ୍.ଏ. ଚିଦମ୍ବରମ୍ ଷ୍ଟାଡିୟମ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ମହିଳା ଟେଷ୍ଟ କ୍ରିକେଟ୍‌ର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଙ୍ଗ୍‌ସରେ ୨ ୱିକେଟ୍ ହରାଇ ୨୩୨ ରନ୍ ସଂଗ୍ରହ କରିଛି । ପୂର୍ବରୁ ଭାରତ ତା'ର ପ୍ରଥମ ଇନିଙ୍ଗ୍‌ସରେ ୧୧୫ ଓଭର୍ ଗୋଟିଏ ବଲ୍‌ରେ ୬ ୱିକେଟ୍ ହରାଇ ୬୦୩ ରନ୍ ସଂଗ୍ରହ କରି ପାଳି ସମାପ୍ତ କରିଥିଲା । ଓପନର୍ ସେଫାଳି ବର୍ମା ଏବଂ ସ୍ମୃତି ମାନ୍ଧାନା ଯୋଡ଼ି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ୨୯୨ ରନ୍‌ର ବିଶାଳ ସ୍କୋର କରିଥିଲେ । ସେଫାଳି ଦ୍ରୁତତମ ୨୦୫ ରନ୍ କରିଥିବାବେଳେ ମାନ୍ଧାନା

୧୪୯ ରନ୍ କରିଥିଲେ । ଦକ୍ଷିଣ ଆଫ୍ରିକା ତା'ର ପ୍ରଥମ ଇନିଙ୍ଗ୍ସରେ ୨୬୬ ରନ୍ ସଂଗ୍ରହ କରି ଫଲୋ ଅନ୍‌ର ସମ୍ମୁଖୀନ ହୋଇଥିଲା ।

*****